# ୩ ଜଣ କାର୍ଯ୍ୟକର୍ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ କଲେ ରାଜ୍ୟ ସଭାପତି

➢ **ବାଲେଶ୍ୱର ଜିଲ୍ଲା ସଂପାଦକ ଭବଶଙ୍କର ମହାନ୍ତି, ମଣ୍ଡଳ ସଭାପତି ଶ୍ରୀପତି ବାରିକ ଓ ବନମାଳି ଦାସଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର**

**ଭୁବନେଶ୍ୱର, ତା ୧୧/୧୨ :** ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବିଗତ ଦିନରେ ଦଳୀୟ ଶୃଙ୍ଖଳା ଭଙ୍ଗ କାରଣରୁ ଦଳରୁ ନିଲମ୍ବିତ ହୋଇଥିବା ବାଲେଶ୍ୱର ଜିଲ୍ଲା ସଂପାଦକ ଭବଶଙ୍କର ମହାନ୍ତି, ମଣ୍ଡଳ ସଭାପତି ଶ୍ରୀପତି ବାରିକ ଓ ବନମାଳି ଦାସଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି ବୋଲି ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର କହିଛନ୍ତି ।

ଏହି କାର୍ଯ୍ୟକର୍ତାମାନେ ନିଜ ନିଜର ଭୁଲ ସ୍ୱୀକାର କରିବା ସହ ତା'ର ପୁନରାବୃତି ନକରିବା ଏବଂ ଏଣିକି ଦଳର ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ମାନିବାର ପ୍ରତିଶୃତି ଦେବା ପରେ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

(ବିଜେପି ମିଡିଆ ସେଲ୍)